ସକାଳ
THE SAKALA
Sambalpur - 01 Aug 2026 - Page 5

# ଭିସୁଟ୍‌ରେ ସ୍ଥାୟୀ ନବସୃଜନ ପାଇଁ ସ୍ମାର୍ଟ ପଦାର୍ଥ ଉପରେ ସେମିନାର

ସମ୍ବଲପୁର, ୩୧।୭ (ସମିସ) : ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପକ୍ଷରୁ ସ୍ୱର୍ଣ୍ଣ ଜୟନ୍ତୀ ସେମିନାର ହଲରେ 'ସ୍ଥାୟୀ ନବସୃଜନ ପାଇଁ ସ୍ମାର୍ଟ ପଦାର୍ଥ' ଶୀର୍ଷକ ଏକଦିବସୀୟ ସେମିନାର ଏବଂ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ବିଦାୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁଙ୍କ ସଭାପତିତ୍ୱରେ ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ, ଭୁବନେଶ୍ୱରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମନ୍ତ୍ରିତ ବକ୍ତା ଭାବେ ଆଇଆଇଟି ବମ୍ବେର ଏସ୍.ଜେ. ମେହେଟା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ତୃପ୍ତି ମିଶ୍ର ସ୍ମାର୍ଟ ପଦାର୍ଥ, ସ୍ଥାୟୀ ନବସୃଜନ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସମନ୍ୱୟର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ।



ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ସାହୁ ଏବଂ ପ୍ରଫେସର ଦେବଦତ୍ତ ମିଶ୍ର ମଧ୍ୟ ନିଜ ଅଭିଜ୍ଞତାରେ ଗବେଷଣା, ନବସୃଜନ, ନୈତିକ ମୂଲ୍ୟବୋଧ ଏବଂ ଉଚ୍ଚଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଡ.ଦେବସ୍ମିତା ମିଶ୍ର ଏବଂ ଡ. ସଙ୍ଘମିତ୍ରା ଜେନା ସେମିନାରର ସଂଯୋଜନା ଓ ପରିଚାଳନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ, ପ୍ରଫେସର ଗଣେଶ୍ୱର ନାଥ, ଅଧିଷ୍ଠାତା, ନିରନ୍ତର ଓ ଦୂରଶିକ୍ଷା କେନ୍ଦ୍ର, ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର, ମୁଖ୍ୟ, ରାସାୟନିକ ଯାନ୍ତ୍ରିକୀ ବିଭାଗ, ଡଃ ସୁମନ୍ତ ପଣ୍ଡା, ସହଯୋଗୀ ପ୍ରାଧ୍ୟାପକ, ଯାନ୍ତ୍ରିକ ଇଞ୍ଜିନିୟରିଂ ବିଭାଗ ଏବଂ ଡ. ଦେବସ୍ମିତା ମିଶ୍ର, ସହକାରୀ ପ୍ରାଧ୍ୟାପକ, ଯାନ୍ତ୍ରିକ ପ୍ରକୌଶଳ ଓ ସ୍ମାର୍ଟ ଉତ୍ପାଦନ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ସହ ନିଜ ଦୀର୍ଘ ଅନୁଭୂତି ବାଣ୍ଟିବା ସହ ଶିକ୍ଷା, ଗବେଷଣା, ପ୍ରଶାସନିକ ନେତୃତ୍ୱ ଏବଂ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ତାଙ୍କ ପତ୍ନୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ, ସମ୍ବଲପୁରର ସୁମିତା ପତ୍ରୀ, ତାଙ୍କ ବଡ଼ଭାଇ ପ୍ରାଧ୍ୟାପକ, ବିଟ୍ସ ପିଲାନୀ, ହାଇଦ୍ରାବାଦ କ୍ୟାମ୍ପସ ପ୍ରଫେସର ବିଭୁଦତ୍ତ ମିଶ୍ର, ତାଙ୍କ ଭଉଣୀ ପ୍ରଣତୀ ମିଶ୍ର ପ୍ରମୁଖ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ଦେବଦତ୍ତ ମିଶ୍ରଙ୍କ ଜୀବନ, କର୍ମ ଓ ଅବଦାନକୁ ନେଇ ପ୍ରସ୍ତୁତ ସ୍ମରଣିକା 'ଅନୁସ୍ମୃତି' ଉନ୍ମୋଚନ କରାଯାଇଥିଲା।

# ସ୍ଥାୟୀ ବିକାଶ ପାଇଁ ଆଧୁନିକ ପଦାର୍ଥ ଉପରେ ଭିସୁଟ୍‌ରେ ସେମିନାର୍

## ପ୍ରଫେସର ଦେବଦତ୍ତ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା, 'ଅନୁସ୍ମୃତି' ସ୍ମରଣିକା ଉନ୍ମୋଚିତ

